# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**10 August - 2024**

**News Editor : *Itishree Singh Rathaur***

## ରେଳ ପ୍ରକଳ୍ପ-ମଞ୍ଜୁରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍‌ର ଅର୍ଥନୈତିକ କମିଟି ବୈଠକରେ ଗତକାଲି ୧୫ହଜାର ୪ କୋଟି ଟଙ୍କା ବ୍ୟୟରେ ୬ଟି ନୂତନ ରେଳପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ଅନୁମୋଦିତ ରେଳପ୍ରକଳ୍ପ ମଧ୍ୟରେ ଉତ୍ତର ଓଡ଼ିଶାର ୩ଟି ଏବଂ ଦକ୍ଷିଣ-ପଶ୍ଚିମ ଓଡ଼ିଶାର ୩ଟି ପ୍ରକଳ୍ପ ରହିଛି । ସମସ୍ତ ୬ଟି ପ୍ରକଳ୍ପ ରାଜ୍ୟର ଆକାଂକ୍ଷୀ ଜିଲ୍ଲା ତଥା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ନିର୍ମାଣ କରାଯିବ ।

ଦକ୍ଷିଣ ଓଡ଼ିଶାରେ ଗୁଣୁପୁର-ଥେରୁବାଲି ୭୩ ଦଶମିକ ୬ କିଲୋମିଟର, ମାଲକାନଗିରି-ଭଦ୍ରାଚଳମ୍-ପାଣ୍ଡୁରଙ୍ଗାପୁରମର ୧୭୩ ଦଶମିକ ୬ କିଲୋମିଟର, ଦକ୍ଷିଣପଶ୍ଚିମ ଓଡ଼ିଶାରେ ଜୁନାଗଡ-ନବରଙ୍ଗପୁରର ୧୧୬ ଦଶମିକ ୨ କିଲୋମିଟର ନୂତନ ରେଳପଥ ନିର୍ମାଣ ହେବ । ସେହିପରି ଉତ୍ତର ଓଡ଼ିଶାରେ ବାଦାମପାହାଡ଼-କେନ୍ଦୁଝରଗଡର ୮୨ କିଲୋମିଟର, ଗୋରୁମହିଷାଣୀ-ବାଙ୍ଗିରିପୋଷି ୮୫ ଦଶମିକ ୬ କିଲୋମିଟର ଏବଂ ବୁଢ଼ାମରା-ଚାକୁଳିଆର ୬୦ କିଲୋମିଟର ନୂତନ ରେଳପ୍ରକଳ୍ପ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି ।

## ଧର୍ମେନ୍ଦ୍ର ପ୍ରଧାନ-ରେଳପ୍ରକଳ୍ପ

କେନ୍ଦ୍ର ସରକାର ଓଡ଼ିଶାରେ ରେଳର ବିକାଶ ପାଇଁ ୧୫ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରିଥିବାରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା ରାଜ୍ୟର ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବ ବୋଲି କହିଛନ୍ତି । ନୂତନ ରେଳ ପ୍ରକଳ୍ପ ମଞ୍ଜୁରୀ ଦ୍ୱାରା ରାଜ୍ୟର ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ରାୟଗଡା, ନବରଙ୍ଗପୁର, କଳାହାଣ୍ଡି ଜିଲ୍ଲା ଗୁଡ଼ିକରେ ଆର୍ଥିକ ଅଭିବୃଦ୍ଧି ହେବା ସହ ପର୍ଯ୍ୟଟନ ଏବଂ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## କେନ୍ଦ୍ର କ୍ୟାବିନେଟ୍-ଜି-ବନ ଯୋଜନା

କେନ୍ଦ୍ର କ୍ୟାବିନେଟ୍ ବୈଠକରେ ସଂଶୋଧିତ ପ୍ରଧାନମନ୍ତ୍ରୀ 'ଜି-ବନ' ଯୋଜନାକୁ ଅନୁମୋଦନ ମିଳିଛି । ଏହି ଯୋଜନାକୁ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବା ପାଇଁ ସମୟସୀମା ବୃଦ୍ଧି କରାଯାଇଛି । ଏହାର ପରିସରରେ ଲିଗ୍ନୋସେଲୁଲୋସିକ୍ ଫିଡ୍‌ଷ୍ଟିକ୍‌ରୁ ଉତ୍ପାଦିତ ଜୈବ ଇନ୍ଧନ ଯଥା କୃଷି ଓ ଜଙ୍ଗଲ ବର୍ଜ୍ୟବସ୍ତୁ, ଶିଳ୍ପ ବର୍ଜ୍ୟବସ୍ତୁ, ସିନ୍ଥେସିସ୍ ଗ୍ୟାସ୍, ଶୈବାଳ ଆଦିକୁ ଅନ୍ତର୍ଭୁକ୍ତ କରାଯାଇଛି । କୃଷକମାନଙ୍କୁ କୃଷି ବର୍ଜ୍ୟ ସାମଗ୍ରୀ ପାଇଁ ଲାଭଦାୟକ ଆୟ ପ୍ରଦାନ କରିବା, ପରିବେଶ ପ୍ରଦୂଷଣର ମୁକାବିଲା, ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ

ଭାରତର ଇନ୍ଧନ ସୁରକ୍ଷାରେ ଯୋଗଦାନ ଦେବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ।

## ତ୍ରିରଙ୍ଗା-ବୈଠକ

ହରଘର ତିରଙ୍ଗା ଅଭିଯାନକୁ ବ୍ୟାପକ କରିବା ପାଇଁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍ଗ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି । ଏହି ଅଭିଯାନରେ ସମସ୍ତେ ସାମିଲ ହୋଇ ଦେଶର ଏକତା ଏବଂ ଦେଶଭକ୍ତି ଭାବନାକୁ ଉତ୍ସାହିତ କରିବା ଲାଗି ସେ ପରାମର୍ଶ ଦେଇଛନ୍ତି । ରାଜ୍ୟରେ ଆସନ୍ତା ୧୩ ତାରିଖରେ ଜିଲ୍ଲାସ୍ତରରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହେବ । କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ ତ୍ରିରଙ୍ଗା ସଙ୍ଗୀତ ସମସ୍ତ ସମାରୋହରେ ପରିବେଷଣ କରାଯିବ । ଆସନ୍ତା ୧୩ରୁ ୧୫ ତାରିଖ ମଧ୍ୟରେ ଜିଲ୍ଲାର ସମସ୍ତ ପ୍ରମୁଖ କାର୍ଯ୍ୟକ୍ରମରେ ତ୍ରିରଙ୍ଗା ଶପଥପାଠ ଅନୁଷ୍ଠିତ ହେବ ବୋଲି ବୈଠକରୁ ସୂଚନା ମିଳିଛି ।

## ତ୍ରିରଙ୍ଗା ପତାକା ବିକ୍ରି

ସ୍ୱାଧୀନତା ଦିବସ ଅବସରରେ ହରଘର ତିରଙ୍ଗା ଅଭିଯାନ ଅଧୀନରେ ଭଦ୍ରକ ଜିଲ୍ଲା ମୁଖ୍ୟ ଡାକଘର ସମେତ ଜିଲ୍ଲାର ୩୦୨ଟି ଶାଖା ଡାକଘର, ୫୫ଟି ଉପଡାକଘରରେ ତ୍ରିରଙ୍ଗା ପତାକା ବିକ୍ରି ଆରମ୍ଭ ହୋଇଛି ।

ସବୁବର୍ଗର ନାଗରିକ ତ୍ରିରଙ୍ଗା ପତାକା ନେଇ ଘରେ ଲଗାଇବାକୁ ବିଭାଗୀୟ ଅଧିକାରୀ ପରାମର୍ଶ ଦେଇଛନ୍ତି ।

## ଏସ୍‌ସିବି-ଆହତଙ୍କ ଚିକିତ୍ସା

କଟକ ଏସ୍‌ସିବି ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ନୂତନ କୋଠାରେ ସମ୍ପ୍ରସାରଣ କାର୍ଯ୍ୟ ସମୟରେ ୩ଜଣ ଗୁରୁତର ଆହତ ହେବା ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି । ମନ୍ତ୍ରୀ ଗତକାଲି ଆହତଙ୍କୁ ଭେଟିବା ସହ ସେମାନଙ୍କୁ ଉଚ୍ଚମାନର ଗୁଣାତ୍ମକ ଚିକିତ୍ସା ସୁବିଧା ଯୋଗାଇଦେବାକୁ ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଫାଇଲେରିଆ ଔଷଧ ସେବନ

ରାଜ୍ୟରେ ଫାଇଲେରିଆ ନିକରାକରଣ ପାଇଁ ଆଜିଠାରୁ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହେବ । ଏହି ସମୟରେ ୧ କୋଟି ୯୩ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଫାଇଲେରିଆ ନିରୋଧି ଔଷଧ ଦିଆଯିବା ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମର ତଦାରଖ କରିବା ପାଇଁ ୭୭ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି । ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡକ୍ଟର ନୀଳକଣ୍ଠ ମିଶ୍ର କହିଛନ୍ତି ଫାଇଲେରିଆ ପ୍ରବଣ ଜିଲ୍ଲା ଓ ବ୍ଲକ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଆଶା ଓ ଅଙ୍ଗନବାଡ଼ି

କର୍ମୀମାନେ ଘରକୁଘର ବୁଲି ଔଷଧ ସେବନ କରାଇବେ । ଏଥିପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

# ପରେଡ ଅନୁଷ୍ଠିତ

ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଆଇଏନ୍‌ଏସ୍ ଚିଲିକାରେ ଚତୁର୍ଥ ଅଗ୍ନିଶମ ପାସିଙ୍ଗ ଆଉ ପରେଡ ଅନୁଷ୍ଠିତ ହୋଇଛି । ନୌସେନା ମୁଖ୍ୟ ଆଡମିରାଲ କେ. ତ୍ରିପାଠୀ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ । ପରେଡରେ ୧୭ଶହ ନୌସେନା ଓ ୩୦୦ ତଟରକ୍ଷୀ ବାହିନୀର ନାବିକ ସାମିଲ ହୋଇଥିଲେ । ପ୍ରାୟ ୧୬ସପ୍ତାହର ପ୍ରଶିକ୍ଷଣ ପରେ ଅଗ୍ନିବୀରମାନେ ନୌସେନାରେ ସେମାନଙ୍କର କାର୍ଯ୍ୟ ଆରମ୍ଭ କରିବେ ।

# ଆଲୋଚନାଚକ୍ର

କଟକ ଟ୍ୟାକ୍ସବାର୍ ଆସୋସିଏସନ ପକ୍ଷରୁ କେନ୍ଦ୍ରୀୟ ବଜେଟ୍ ୨୦୨୪ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ, ଅରୁଣ କୁମାର ସାବତ ପ୍ରମୁଖ ଏଥିରେ ଯୋଗଦେଇ ଆୟକର ଏବଂ ଦ୍ରବ୍ୟ ଓ ସେବାକର ଆୟରେ ପରିବର୍ତ୍ତନର ଦିଗ ଉପରେ ଆଲୋଚନା କରିଥିଲେ ।

# ଅଲମ୍ପିକ୍ସ

ପ୍ୟାରିସ୍ ଅଲମ୍ପିକ୍ସରେ ପୁରୁଷ ୫୭ କିଲୋଗ୍ରାମ ଫ୍ରିଷ୍ଟାଇଲ୍ କୁସ୍ତିରେ ଭାରତର ଅମନ ଶେରାୱତ କାଂସ୍ୟ ପଦକ ଜିତିଛନ୍ତି । ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଅମନ ପ୍ୟୁଟାରିକୋର କ୍ରୁଜ୍ ଡାରିୟାନ ଟୋଇଙ୍କୁ ୧୩-୫ରେ ପରାସ୍ତ କରିଛନ୍ତି । ଏହାକୁ ମିଶାଇ ଭାରତର ପଦକ ସଂଖ୍ୟା ୬ରେ ପହଞ୍ଚିଛି ।

# ପାଣିପାଗ

ରାଜ୍ୟରେ ମୌସୁମୀବାୟୁ ସକ୍ରିୟ ରହିଛି । ଆସନ୍ତା ମଙ୍ଗଳବାରଠାରୁ ୩ ଦିନ ଧରି ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷାର ସମ୍ଭାବନା ରହିଥିବା ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ସୁନ୍ଦରଗଡ ଏବଂ ଝାରସୁଗୁଡା ଜିଲ୍ଲାର କେତେକ ଅଞ୍ଚଳରେ ପ୍ରବଳ ବର୍ଷାର ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ଗତ ୨୪ଘଣ୍ଟା ମଧ୍ୟରେ ପୁରୀରେ ସର୍ବାଧିକ ୮୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।